# NATIONAL NEWS BULLETIN (ODIA)

## 5 December - 2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀରେ ହେବ ଦ୍ୱିପାକ୍ଷିକ ଆଲୋଚନା ।

- ଭାରତ-ରୁଷ ସମ୍ପର୍କ କୌଣସି ଦେଶ ବିରୁଦ୍ଧରେ ଅଭିପ୍ରେତ ନୁହେଁ – କହିଲେ ରୁଷ ରାଷ୍ଟ୍ରପତି ପୁତିନ୍ ।

- ରିଜର୍ଭ ବ୍ୟାଙ୍କ୍ ଆଜି ଘୋଷଣା କରିବ ଦ୍ୱିମାସିକ ମୁଦ୍ରାନୀତି ।

- ବିମାନ ଚଳାଚଳ ବାଧାପ୍ରାପ୍ତ ହେବା ନେଇ ବିଭାଗୀୟ ମନ୍ତ୍ରୀ ଓ ଡି.ଜି.ସି.ଏ. ମଧ୍ୟରେ ଆଲୋଚନା ।

ଏବଂ

- ସାଗରବନ୍ଧୁ ଅଭିଯାନ ଅଧୀନରେ ଶ୍ରୀଲଙ୍କାକୁ ୬୫ ଟନ୍ ବେଲିବ୍ରିଜ୍ ଉପକରଣ ପଠାଇଲା ଭାରତ ।

# ରଷିଆନ୍-ପ୍ରେଜ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଏବଂ ବିଭିନ୍ନ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ସମସ୍ୟା ଗୁଡ଼ିକ ଉପରେ ସମୀକ୍ଷା କରିବେ । ଆଲୋଚନା କାଳରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ, ଅର୍ଥନୀତି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଏବଂ ଯୋଗାଯୋଗ କ୍ଷେତ୍ରର ଅନେକ ଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ରାଷ୍ଟ୍ରପତି ପୁତିନ୍ ଗତ ସନ୍ଧ୍ୟାରେ ୨୩ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ ।

ରୁଷ ରାଷ୍ଟ୍ରପତିଙ୍କୁ ଆଜି ସକାଳେ ରାଷ୍ଟ୍ରପତି ଭବନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ । ଶ୍ରୀ ପୁତିନ୍ ରାଜଘାଟ ଯାଇ ମହାତ୍ମା ଗାନ୍ଧିଙ୍କ ସମାଧିପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିବେ । ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରୁଷ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ତାଙ୍କ ସମ୍ମାନାର୍ଥେ ଏକ ନୈଶ୍ୟ ଭୋଜିର ଆୟୋଜନ କରିବେ ।

ଆମ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ ଉଭୟ ଦେଶ ସେମାନଙ୍କ ରଣନୈତିକ ଭାଗିଦାରୀର ୨୫ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ୧୯ଥର ସାକ୍ଷାତ ଆଲୋଚନା କରିଛନ୍ତି । ଉଭୟ ଦେଶ ମଧ୍ୟରେ ଅନୁଷ୍ଠିତ ହେଉଥିବା ବାର୍ଷିକ ସମ୍ମିଳନୀକୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଭାବେ ବିବେଚନା

କରାଯାଉଛି । ଗତ ବର୍ଷ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରୁଷ ପ୍ରଶାସନ ପକ୍ଷରୁ ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରାଯାଇଥିଲା । ୨୦୨୪-୨୫ ଆର୍ଥିକ ବର୍ଷରେ ଉଭୟ ଦେଶ ମଧ୍ୟରେ ୬୮ ବିଲିୟନ୍ ଡଲାର୍‌ରୁ ଅଧିକ ମୂଲ୍ୟର ବ୍ୟବସାୟ ହୋଇଥିଲା । ଉଭୟ ନେତା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଦୁଇ ଦେଶ ମଧ୍ୟ ଗଗନଯାନ ଅଭିଯାନରେ କାର୍ଯ୍ୟ କରୁଛନ୍ତି । ରାଷ୍ଟ୍ରପତି ପୁଟିନ୍‌ଙ୍କ ଭାରତ ଗସ୍ତ ଉଭୟ ଦେଶ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀତାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ପୁଟିନ୍-ଇଣ୍ଟରଭ୍ୟୁ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ କହିଛନ୍ତି, ଭାରତ-ରୁଷ ସଂପର୍କ କୌଣସି ଦେଶ ବିରୁଦ୍ଧରେ ଅଭିପ୍ରେତ ନୁହେଁ, ଏହା କେବଳ ଦୁଇ ଦେଶର ରାଷ୍ଟ୍ରୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ଲାଗି ଉଦ୍ଦିଷ୍ଟ । ରୁଷ ସହିତ ଭାରତର ଶକ୍ତି କ୍ଷେତ୍ରର ସମ୍ପର୍କ ଉପରେ ଶ୍ରୀ ପୁଟିନ୍ କହିଛନ୍ତି, ମସ୍କୋ ସହ ଘନିଷ୍ଟ ସମ୍ପର୍କ ନେଇ ଆନ୍ତର୍ଜାତିକ ବଜାରରେ ନୂଆଦିଲ୍ଲୀର ଭୂମିକାକୁ ନାପସନ୍ଦ କରାଯାଉଛି ଏବଂ ରାଜନୈତିକ କାରଣରୁ ଭାରତର ପ୍ରଭାବକୁ ସୀମିତ କରିବାକୁ ଉଦ୍ୟମ କରାଯାଉଛି ।

ମସ୍କୋ ବିରୋଧରେ କେତେକ ପାଶ୍ଚାତ୍ୟ ଦେଶର ପ୍ରତିବନ୍ଧକ ସମ୍ପର୍କରେ ରୁଷ ରାଷ୍ଟ୍ରପତି କହିଛନ୍ତି, ନୂଆଦିଲ୍ଲୀ ସହିତ ତାଙ୍କ ଦେଶର ଶକ୍ତି ସହଯୋଗ ପ୍ରଭାବିତ ହୋଇନାହିଁ । ଦୁଇ ଦିନିଆ ଭାରତ ଗସ୍ତ ପୂର୍ବରୁ ଏକ ଟିଭି ଚ୍ୟାନେଲ୍

ସହ କଥାବାର୍ତ୍ତା କରିବା ଅବସରରେ ଶ୍ରୀ ପୁତିନ୍ କହିଛନ୍ତି, ଭାରତ ରୁଷ ଠାରୁ ଅଶୋଧିତ ତୈଳ କିଣିବା ଉପରେ ପ୍ରତିବନ୍ଧକ ଗ୍ରହଣୀୟ ନୁହେଁ । ସେ କହିଛନ୍ତି, ଯଦି ଆମେରିକା ରୁଷଠାରୁ ଇନ୍ଧନ କିଣିବାର ଅଧିକାର ରଖେ, ସେ କ୍ଷେତ୍ରରେ ଭାରତକୁ କାହିଁକି ସମାନ ସୁବିଧା ସୁଯୋଗ ଦିଆଯିବ ନାହିଁ ।

ରୁଷ ରାଷ୍ଟ୍ରପତି କହିଛନ୍ତି, ଅନେକ ଦଶନ୍ଧି ପୂର୍ବରୁ ଭାରତକୁ ଯେଭଳି ବ୍ୟବହାର କରାଯାଉଥିଲା ଏବେ ତାହା ହେବ ନାହିଁ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହଜରେ  ଚାପର ବସବର୍ତ୍ତୀ ହୁଅନ୍ତି ନାହିଁ ଏବଂ ଭାରତୀୟମାନେ ତାଙ୍କୁ ନେଇ ଗର୍ବ କରିବା ଉଚିତ୍ । ସେ କହିଛନ୍ତି, ରୁଷ କେବଳ ଭାରତକୁ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିକ୍ରି କରୁନାହିଁ ବରଂ ଏ କ୍ଷେତ୍ରରେ ସହଯୋଗ ମଧ୍ୟ କରୁଛି ।

## ଆର୍‌ବିଆଇ ପଲିସି

ରିଜର୍ଭ ବ୍ୟାଙ୍କ୍ ଆଜି ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବ । ଗତ ବୁଧବାର ଠାରୁ ମୁଦ୍ରାନୀତି କମିଟି ମୁମ୍ବାଇରେ ତିନି ଦିନିଆ ଆଲୋଚନା ଆରମ୍ଭ କରିଛି । ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣ ସଞ୍ଜୟ ମାଲହୋତ୍ରା ଆଜି ସକାଳେ କମିଟିର ନିଷ୍ପତ୍ତି ଘୋଷଣା କରିବେ । ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇବାର ସମ୍ଭାବନାର ରହିଛି । ମୁଦ୍ରାସ୍ଫିତି ହ୍ରାସ ଏବଂ ଜି.ଡି.ପି. ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ମୁଦ୍ରା ନୀତି କମିଟି ଆଲୋଚନା କରୁଛି । ରିଜର୍ଭ ବ୍ୟାଙ୍କ୍ ଚଳିତ ବର୍ଷ ଫେବୃୟାରୀରୁ ତିନୋଟି ପର୍ଯ୍ୟାୟରେ ସ୍ୱଳ୍ପକାଳୀନ ଋଣହାରକୁ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରିଛି ।

# ଡିଜିସିଆଇ-ଇଣ୍ଡିଗୋ

ନଭେମ୍ବର ଶେଷ ଭାଗରୁ ଇଣ୍ଡିଗୋ ବିମାନର ଅନେକ ଉଡ଼ାଣ ବାଧାପ୍ରାପ୍ତ ହେଉଥିବାରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ, ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ଇଣ୍ଡିଗୋର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛି । ସୂଚନା ଅନୁଯାୟୀ ଇଣ୍ଡିଗୋର ୧୭୦ରୁ ୨୦୦ ପର୍ଯ୍ୟନ୍ତ ଉଡ଼ାଣ ବାତିଲ ହେବା ପରେ ନିର୍ଦ୍ଦେଶାଳୟ ପକ୍ଷରୁ ଆଲୋଚନା କରାଯାଇଛି ।

ବୈଠକ ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଇଣ୍ଡିଗୋର ବିମାନ ବାତିଲ ଘୋଷଣାକୁ ସମାଲୋଚନା କରି ଏହାର ପରିଚାଳନାଗତ ବ୍ୟବସ୍ଥାକୁ ନାପସନ୍ଦ କରିଛନ୍ତି । ନୂଆ ନିୟାମକ ଆବଶ୍ୟକତାକୁ ପରିବର୍ତ୍ତନ କରିବାର ଏବଂ ସେଥିପାଇଁ ପ୍ରସ୍ତୁତି ସମୟ ଦିଆଯାଇଥିଲେ ମଧ୍ୟ ଏହି ଘଟଣାର ସମାଧାନ କରି ତୁରନ୍ତ ବିମାନ ଚଳାଚଳ ନିୟମିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, କୌଣସି ପରିସ୍ଥିତିରେ ବିମାନ ଭଡ଼ା ବୃଦ୍ଧି କରାଯିବ ନାହିଁ ।

ଅନ୍ୟ ପକ୍ଷରେ  ବିମାନ ଯାତ୍ରୀମାନଙ୍କୁ ବହୁ ପୂର୍ବରୁ ଉଡ଼ାଣ ବାତିଲ ସମ୍ପର୍କରେ ସୂଚନା ଦେବା ଏବଂ ସେମାନଙ୍କ ପାଇଁ ହୋଟେଲ୍‌ରେ ବ୍ୟବସ୍ଥା କରିବା ଲାଗି ମନ୍ତ୍ରୀ ଇଣ୍ଡିଗୋ ପରିଚାଳନା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଦେଇଥିବା ସୂଚନା ଅନୁଯାୟୀ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ନିର୍ଦ୍ଦେଶାଳୟ କହିଛି, ଆବଶ୍ୟକ ପଡୁଥିବା ବିମାନ

କର୍ମଚାରୀମାନଙ୍କୁ ସଠିକ୍ ଭାବେ ପରିଚାଳନା କରିବା କ୍ଷେତ୍ରରେ ତୃଟି ଯୋଗୁଁ ଏଭଳି ଅସୁବିଧା ସୃଷ୍ଟି ହୋଇଛି । ଇଣ୍ଡିଗୋ ପକ୍ଷରୁ କୁହାଯାଇଛି, ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ବିମାନ ଉଡ଼ାଣ ବାତିଲ ହେବାର ସମ୍ଭାବନା ରହିଛି । ତେବେ ୮ ତାରିଖରୁ ଏହି ଅସୁବିଧାର ସମାଧାନ ହେବ । ଇଣ୍ଡିଗୋ ପକ୍ଷରୁ ଆସନ୍ତା ବର୍ଷ ଫେବୃୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ ବ୍ୟବସ୍ଥାରେ ରିହାତି ପ୍ରଦାନ କରିବାକୁ ଅନୁରୋଧ କରିଛି । ନିର୍ଦ୍ଦେଶାଳୟ ପକ୍ଷରୁ ଇଣ୍ଡିଗୋର ବର୍ତ୍ତମାନର କ୍ରିଉ କର୍ମଚାରୀଙ୍କ ସଂଖ୍ୟା ଏବଂ ଆବଶ୍ୟକ କର୍ମଚାରୀଙ୍କ ମଧ୍ୟରେ ବ୍ୟବଧାନ ନେଇ ସମୀକ୍ଷା କରିଛି ଏବଂ ଏହାର ଆଞ୍ଚଳିକ କାର୍ଯ୍ୟାଳୟ ଗୁଡ଼ିକୁ ପ୍ରମୁଖ ବିମାନ ବନ୍ଦର ଗୁଡ଼ିକରେ ସ୍ଥିତି ଅନୁଧ୍ୟାନ କରିବା ଲାଗି କହିଛି ।

## ଗୁଜରାଟ-ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜିଠାରୁ ତିନି ଦିନିଆ ଗୁଜରାଟ ଗସ୍ତରେ ଯିବେ । ସେଠାରେ ଅହମ୍ମଦାବାଦ, ଗାନ୍ଧିନଗର ଏବଂ ବନସ୍କଣ୍ଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବେ । ଶ୍ରୀ ଶାହା ଅହମ୍ମଦାବାଦ ମ୍ୟୁନିସ୍‌ପାଲ୍ କର୍ପୋରେସନ୍‌ର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

ପ୍ରଥମେ ଶ୍ରୀ ଶାହା ଅହମ୍ମଦାବାଦର ଜି.ଏମ୍.ଡି.ସି. ପଡ଼ିଆରେ ସ୍ୱଦେଶ ଉତ୍ସବ ଉଦ୍‌ଘାଟନ କରିବା ପରେ ନାବାର୍ଡ୍-ଆଇ.ଏ.ଏମ୍.ଏ.ଆଇ. ସମ୍ମିଳନୀକୁ ସମ୍ବୋଧନ କରିବେ । ପରେ ଶ୍ରୀ ଶାହା ଗାନ୍ଧିନଗରଠାରେ କେତେକ ଜନହିତକର ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ ଏକ ରେଳ ଓଭର ବ୍ରିଜ୍‌ର ଉଦ୍‌ଘାଟନ କରିବେ । ଶ୍ରୀ ଶାହା ଗାନ୍ଧିନଗର ଲୋକସଭା

ଆସନ ଅନ୍ତର୍ଗତ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅନ୍ୟ କେତେକ ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଶାହା ସଂସଦ କ୍ରୀଡ଼ାର ଉଦ୍‌ଯାପନୀ ସମାରୋହରେ ଯୋଗଦେବେ ।

## ଲଙ୍କା-ସାଗର ବନ୍ଧୁ

ବାତ୍ୟା ପ୍ରଭାବିତ ଶ୍ରୀଲଙ୍କାରେ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର କରିବା ଲାଗି ଭାରତ ସାଗର ବନ୍ଧୁ ଅଭିଯାନ ଅଧୀନରେ ୬୫ ଟନ୍ ବେଲିବ୍ରିଜ୍ ଉପକରଣ କଲମ୍ବୋକୁ ପଠାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏମ୍.ଆଇ.-୧୭ ଭି-୫ ହେଲିକପ୍ଟର ଦ୍ୱାରା ୬ ଟନ୍ ରିଲିଫ୍ ସାମଗ୍ରୀ ଶ୍ରୀଲଙ୍କାକୁ ପଠାଯିବା ସହ ୨୪ ଜଣଙ୍କୁ ଉଦ୍ଧାର କରାଯାଇଛି । ଭାରତୀୟ ସେନା ପକ୍ଷରୁ ଶ୍ରୀଲଙ୍କାରେ ମାନବିକତା ଦୃଷ୍ଟିକୋଣରୁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି କୁହାଯାଇଛି ।

## ଏନ୍‌ଆଇଏ-ଆରେଷ୍ଟ

ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ଅବୈଧ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଚାଲାଣ ମାମଲାରେ ଚାରି ଜଣଙ୍କୁ ଗିରଫ୍ କରିଛି । ଏନ୍.ଆଇ.ଏ.ର ୨୨ଟି ଦଳ ତିନୋଟି ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ଯାଞ୍ଚ୍ କାର୍ଯ୍ୟ ଚଳାଇଛନ୍ତି । ବିହାରର ନାଳନ୍ଦା ଏବଂ ଶେଖପୁରା ଓ ପାଟନାର ୭ଟି, ଉତ୍ତରପ୍ରଦେଶର ଆଉରିଆ ଜିଲ୍ଲାର ୧୩ଟି ସ୍ଥାନ ଓ ହରିଆଣା କୁରୁକ୍ଷେତ୍ରର

ଦୁଇଟି ସ୍ଥାନରେ ଖାନ୍ତଲାସୀ କାର୍ଯ୍ୟ ଚାଲିଛି । ଖାନତଲାସୀ ସମୟରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସହ ୧ କୋଟି ଟଙ୍କାରୁ ଅଧିକ ନଗଦ, ଅନେକ ଡିଜିଟାଲ୍ ଓ ଇଲେକ୍ଟ୍ରୋନିକ୍ସ ଉପକରଣ ଜବତ କରାଯାଇଛି । ଏହି ଘଟଣାରେ ଏନ୍.ଆଇ.ଏ. ପାଟନାରୁ ଶଶି ପ୍ରକାଶ, ଶେଖପୁରାରୁ ରବି ରଞ୍ଜନ ସିଂହ ଏବଂ କୁରୁକ୍ଷେତ୍ରରୁ ବିଜୟ କାଲରା ଓ କୁଶ କାଲରାଙ୍କୁ ଗିରଫ୍ କରିଛି । ଏନ୍.ଆଇ.ଏ. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଗୋଳାବାରୁଦ ହରିଆଣାରେ ଉତ୍ତରପ୍ରଦେଶ, ବିହାର ଏବଂ ଦେଶର ଅନ୍ୟାନ୍ୟ ସ୍ଥାନକୁ ପଠାଯାଉଥିଲା ।

## ଏନ୍‌ସିବି ସିଆର୍‌ପିଏଫ୍ ଡ୍ରଗ୍ସ

ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏନ୍.ସି.ବି. ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ୍ - ସି.ଆର୍.ପି.ଏଫ୍.ର ମିଳିତ ଅଭିଯାନରେ ଆଇଜଲ୍ ନିକଟରେ ୫ ଦଶମିକ୍ ୯ କିଲୋଗ୍ରାମ ମେଥ ଜବତ କରାଯାଇଛି । ଏହି ଘଟଣାରେ ଏକ ନିଶାଦ୍ରବ୍ୟ କାରବାର ଗ୍ୟାଙ୍ଗ୍‌ର ୮ଜଣଙ୍କୁ ଗିରଫ୍ କରାଯାଇଛି । ଗିରଫ୍‌ଙ୍କ ମଧ୍ୟରେ ସିଣ୍ଡିକେଟ୍ ମୁଖ୍ୟ ଜବରୁଲ୍ ହକ୍ ରହିଛି । ସେ ପୂର୍ବରୁ ନିଶାଦ୍ରବ୍ୟ ଚାଲାଣରେ ସାମିଲ ରହିଥିବା ବେଳେ ତା' ବିରୁଦ୍ଧରେ ତିନୋଟି ମାମଲା ରୁଜୁ ହୋଇଛି । ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ ଚମ୍ପାଇ ନିକଟରେ ଭାରତ-ମ୍ୟାଁମାର୍ ସୀମା ଦେଇ ନିଶାଦ୍ରବ୍ୟ ଚୋରାଚାଲାଣ କରାଯାଉଥିଲା ଏବଂ ବାଂଲାଦେଶକୁ ଚାଲାଣ ପାଇଁ ତ୍ରିପୁରାର ସୋନାମୁରାକୁ ତାହା ଅଣାଯାଉଥିଲା ।

ସୂଚନା ଅନୁଯାୟୀ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ବାସ୍ତବ ସମୟରେ ଗୁଇନ୍ଦା ସୂଚନା ଆଦାନ ପ୍ରଦାନ ଏବଂ ଉତ୍ତମ ସମନ୍ୱୟ ପାଇଁ ଗୌହାଟିଟାରେ ଏନ୍.ସି.ବି.ର ଏକ ନୂଆ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଅରୁଣାଚଳ ପ୍ରଦେଶର ଇଟାନଗର, ପଶ୍ଚିମବଙ୍ଗର ସିଲିଗୁଡ଼ି ଏବଂ ତ୍ରିପୁରାର ଅଗରତାଲାରେ ନୂଆ ଜୋନାଲ୍ ୟୁନିଟ୍ ଖୋଲା ଯାଇଛି । ମିଜୋରାମ୍‌ର ଆଇଜଲ୍ ଏବଂ ନାଗାଲାଣ୍ଡର ଦିମାପୁରରେ କ୍ଷେତ୍ରିୟ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବା ସହ ଏଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇଥିବା ଜଣାପଡିଛି ।